# ଗ୍ରାମୀଣ କୃଷି ମୌସମ ସେବା

## ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର

ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା-୫୭/୨୫**

**ଜିଲ୍ଲା-ଭଦ୍ରକ** **ତା.୧୮.୦୭.୨୦୨୫**

**ପାଣିପାଗ ପୂର୍ବାନୁମାନ (ତା.୨୩.୦୭.୨୦୨୫ ପର୍ଯ୍ୟନ୍ତ )-** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ଅତି ହାଲୁକାରୁ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୦୨-୦୮ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୩-୩୫°C ଏବଂ ୨୮-୨୯° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BHADRAK | 19-07-25 | 4 | 33 | 28 | 4 | 85 | 56 | 7 | 217 |
| | 20-07-25 | 5.9 | 34 | 28 | 5 | 85 | 53 | 8 | 220 |
| | 21-07-25 | 3.4 | 35 | 28 | 4 | 84 | 58 | 4 | 204 |
| | 22-07-25 | 2.3 | 35 | 28 | 3 | 83 | 57 | 2 | 211 |
| | 23-07-25 | 1.7 | 35 | 29 | 3 | 84 | 55 | 6 | 225 |

### ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| **ସାଧାରଣ ଉପଦେଶ** | ➢ **ବର୍ଷା ପାଣି /କେନାଲ ପାଣି ଓ ପୋଖରୀ କିମ୍ବା ନିକଟସ୍ଥ ଅନ୍ୟ କୌଣସି ଜଳ ଉତ୍ସ ବ୍ୟବହାର କରି ଧାନ ରୋପଣ ଆରମ୍ଭ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି।**<br>➢ **ସମୟ ସମୟରେ ମେଘୁଆ ଏବଂ ଶୁଖିଲା ପାଗ ଅନୁକୂଳ ଯୋଗୁଁ, ପରିବା ଫସଲରେ ପୋକ ଆକ୍ରମଣକୁ ନିୟମିତ ଅନୁଧ୍ୟାନ କରିବାକୁ ଚାଷୀମାନଙ୍କୁ ପରାମର୍ଶ ।**<br>➢ **ଧାନ ନର୍ସରୀ ଏବଂ ନଳିତା କ୍ଷେତରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ।**<br>➢ **ବର୍ଷା ଋତୁରେ ଟିଙ୍କ ଏବଂ ଉକୁଣି ଭଳି ଏକୋପାରାସାଇଟ୍ ଆକ୍ରାନ୍ତରୁ ରକ୍ଷା କରିବା ପାଇଁ ଗୋରୁ ଗୁହାଳକୁ ସଫା ରଖନ୍ତୁ।** | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରିଫ ଧାନ** | **ନର୍ସରୀ/ ରୋପଣ** | ➢ ଅଧିକରୁ ଅଧିକ ଜାଗାରେ ବର୍ଷା ହେଇଥିବା ହେତୁ ରୋପଣ କାର୍ଯ୍ୟ ଜାରି ରଖନ୍ତୁ। ପ୍ରାରମ୍ଭିକ ଅବସ୍ଥାରେ କାଣ୍ଡବିନ୍ଧା ଓ ପତ୍ରପୋଡା ପୋକ ଦାଉରୁ ଫସଲକୁ ସୁରକ୍ଷା ଦେବା ପାଇଁ ରୋଇବାର ୫ -୬ ଦିନ ଆଗରୁ ଏକ ଡିସିମିଲ ତାଲିଘେରା ପ୍ରତି ୮୦–୧୦୦ ଗ୍ରା ଫିପ୍ରୋନୀଲ ୦.୩ ଗ୍ରାମ. ପ୍ରୟୋଗ କରି ତଳି ବିଶୋଧନ କରନ୍ତୁ ।<br>➢ ନର୍ସରୀରେ ବୀଜାଣୁଜନିତ ପତ୍ରପୋଡା ରୋଗ ଏବଂ ମହିଷା ରୋଗ ସମ୍ଭାବନାକୁ ବୃଦ୍ଧି କରିପାରେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଟ୍ରାଇସାଇକ୍ଲାଜୋଲ ୧ ଗ୍ରାମ/ଲି କିମ୍ବା ପ୍ଲାଣ୍ଟୋମାଇସିନ ୧ ଗ୍ରାମ/ଲି ପାଣିରେ ମିଶାଇ ସିଂଚନ କରନ୍ତୁ।<br>➢ ଧାନ ତଳି ୧୦-୧୫ ଦିନ ହେଲା ପରେ ଘାସ କୁ ନିୟନ୍ତ୍ରଣ କରିବା ପାଇଁ Bispyribac sodium 10%SC ଏକର ପ୍ରତି ୮୦-୧୨୦ ମିଲି ହିସାବରେ ସିଂଚନ କରନ୍ତୁ। ପ୍ରଥମେ ତଳି ଘରା ରୁ ପାଣି କାଟି ତାପରେ ସ୍ପ୍ରେ କରନ୍ତୁ। 2 ଦିନ ପରେ ପାଣି ଭରି ଦିଅନ୍ତୁ। |
| **ନଳିତା** | **ତରୁଣୀ ଅବସ୍ଥା** | ➢ ବର୍ତମାନ ବର୍ଷା ଯୋଗୁ ନଳିତାରେ ତୃଣକ ଜନସଙ୍ଖ୍ୟାକୁ ବୃଦ୍ଧି କରିବ , ଘାସକୁ ନିୟନ୍ତ୍ରଣ କରିବା ପାଇଁ କୁଇଜଲଫପ-ପେଥିଲ 2 ମି.ଲି /ଲିଟର ପାଣି ପ୍ରୟୋଗ କରନ୍ତୁ।<br>➢ ବର୍ତମାନ ପାଣିପାଗରେ ନଳିତା ଫସଲରେ ବିହାରୀ ସଂବାଳୁଆ ଓ ଅନ୍ୟାନ୍ୟ ପତ୍ରଖିଆ ପୋକର ପ୍ରାଦୁର୍ଭାବ ବୃଦ୍ଧି ପାଇବ । ଏହି ସବୁ ପୋକ ଦମନ କରିବା ପାଇଁ ପ୍ରତି ଲିଟର ଜଳରେ ୧ମି.ଲି. ଲମ୍ବଡା ସାଇହାଲୋଥ୍ରୀନ ୪.୯ ସି.ଏସ. କୀଟନାଶକ ବିଷ ମିଶାଇ ସିଂଚନ କରନ୍ତୁ । |
| **ଆଖୁ** | **ଅଙ୍ଗୀୟ ବୃଦ୍ଧି** | ➢ ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ |

| | | |
|---|---|---|
| | ଅବସ୍ଥା | କରନ୍ତୁ ।<br>➢ ମଧ୍ୟମ ଓ ବିଳମ୍ବ କିସମ ଫସଲ ୪ରୁ୫ ମାସ ବେଳକୁ ଗଛରେ ଭେଳା ବାନ୍ଧନ୍ତୁ । |
| ପନିପରିବା | ନର୍ସରୀ /ଫୁଲ/ଫଳ ଅବସ୍ଥା | ➢ ବର୍ତ୍ତମାନର ପାଗ ସ୍ଥିତିରେ ପନିପରିବା ଓ ବାଇଗଣରେ ଦହିଆ ପୋକ ବୃଦ୍ଧି କରିପାରେ, ନିୟନ୍ତ୍ରଣ କରିବା ପାଇଁ ଥିଆମେଥୋକ୍ସାମ 0.4 ଗ୍ରାମ୍ ପ୍ରତି ଲିଟର ପାଣି ସିଞ୍ଚନ କରନ୍ତୁ ।<br>➢ **ବାଇଗଣ,ଭେଣ୍ଡି** ଏବଂ **ଟମାଟ** ଫସଲରେ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୭୦ ମି.ଲି. ସ୍ପିନୋସାଡ କିମ୍ବା Thiachloprid @୨୫୦ମିଲି /ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।<br>➢ ବାଇଗଣ ଓ ଲଙ୍କା ଭଳି ଖରିଫ୍ ପନିପରିବା ଠିକ୍ ସମୟରେ ରୋପଣ ପାଇଁ ନର୍ସରୀ ଶଯ୍ୟାକୁ ପ୍ରସ୍ତୁତ କର ଏବଂ ବିହନକୁ (କାର୍ବକ୍ସିନ+-ଥିରମ)@2 ଗ୍ରାମ୍/କିଲୋ ବିହନରେ ବିଶୋଧନ କର। |
| ଫଳ | | ➢ ନଡ଼ିଆ ଚାରା ରୋପଣ ପାଇଁ 3ft ଲମ୍ବ ପ୍ରସ୍ଥ ଓ ଗଭୀର ଗାତ ଖୋଳନ୍ତୁ ।ଖୋଳା ଯାଇଥିବା ଗାତ ପ୍ରତି 8-10 ଝୁଡ଼ି ଗୋବର ଖତ, 2kg ନିମ୍ବ ପିଡ଼ିଆ ଓ 100gm Chloropyriphos ଗୁଣ୍ଡ କୁ ପ୍ରୟୋଗ କରନ୍ତୁ। ଉପର ଅଧା ମାଟି ରେ DAP 100gm ଓ Potash 200gm କୁ ମିଶାଇ ଗାତ କୁ ଭର୍ତି କରନ୍ତୁ।ଏହାର 5 ଦିନ ପରେ ଏପରି ଚାରା ଲଗାନ୍ତୁ ଯେପରିକି ନଡ଼ିଆ ର ଉପର ଅଂଶ 1cm ଉପରକୁ ଦେଖା ଯିବ।<br>➢ ଅମୃତଭଣ୍ଡା ମଞ୍ଜିକୁ କାର୍ବେଣ୍ଡାଜିମ୍ ସହିତ ମିଶାଇ ବିହନ ବିଶୋଧନ କରି ବୁଣନ୍ତୁ। |
| ମାଛ ଚାଷ | | ❖ ଦ୍ରୁତ ଗତିରେ ବଢୁଥିବା କାର୍ପ ଜାତୀୟ ମାଛ ଯଥା ରୋହୁ,ଭାକୁର ଓ ମିରିକଳିକୁ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ୪:୩:୩ ଅନୁପାତରେ ରେ ଚାଷ କରିବା ଦ୍ଵାରା ଲାଭ ବୃଦ୍ଧି ହୋଇଥାଏ।<br>❖ ସାଧାରଣତଃ ପୋଖରୀରେ ହେକ୍ଟର ପିଛା ୫ ହଜାର ଯାଁଳା ଛଡାଯାଏ ।<br>❖ ମାଛମାନଙ୍କୁ ବାଦାମ ତେଲର ପିଠା ଏବଂ ଚାଉଳର ଚୋପା ସମାନ ଅନୁପାତରେ ଗଚ୍ଛିତ ସାମଗ୍ରୀର ମୋଟ ଜୈବବସ୍ତୁର 5%ରେ ଦିଆଯାଏ। ପୋଖରୀର ଗୁଣବତ୍ତା ବୃଦ୍ଧି ପାଇଁ ଗୋବର , ୟୁରିଆ ଓ ସୁପର ଫସଫେଟ ପ୍ରୟୋଗ କରିବା ଉଚିତ। ମାଛମାନେ ୮ ରୁ ୧୦ ମାସ ଭିତରେ ବିକ୍ରି ଯୋଗ୍ୟ ହୋଇଯାନ୍ତି। |
| ପଶୁପାଳନ | | ➢ ବର୍ଷା ଋତୁରେ ଟିଙ୍କ ଏବଂ ଉକୁଣି ଭଳି ଏକୋପାରାସାଇଟ୍ ଆକ୍ରାନ୍ତରୁ ରକ୍ଷା କରିବା ପାଇଁ ଗୋରୁ ଗୁହାଳକୁ ସଫା ରଖନ୍ତୁ।<br>➢ ନିୟମିତ ଭାବରେ ଲୁଣ ସହିତ ପଶୁମାନଙ୍କୁ ଖଣିଜ ମିଶ୍ରଣ ଦିଆଯିବା ଉଚିତ ଏବଂ ଗହମ ଶସ୍ୟ, କଦଳୀ ଇତ୍ୟାଦି ପଶୁମାନଙ୍କ ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତିଦିନ ରାସନରେ @ 10% -20% ଯୋଗାନ୍ତୁ। |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

| | |
|---|---|
| Mrs. Meera Mahanty | Dr. Biswaranjan Nayak |
| Jr. Agrometeorologist | ADR & NODAL OFFICER |
| AMFU, RRTTS, Ranital | AMFU, RRTTS, Ranital |